## ୨ ପୋଲିସ କର୍ମଚାରୀ, ୨ ହୋମଗାର୍ଡ ପଜିଟିଭ୍

ବାଲିଅନ୍ତା,(ଡି.ଏନ୍.ଏ): ବାଲିଅନ୍ତା ଥାନାରେ କାର୍ଯ୍ୟରତ ୨ ହୋମଗାର୍ଡ ଓ ପାହାଲ ଫାଣ୍ଡିର ୨ ପୋଲିସ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପୋଲିସ କର୍ମଚାରୀ ଚିହ୍ନଟ ହେବା ପରେ ଫାଣ୍ଡିରେ ଥିବା ଅନ୍ୟ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଚିହ୍ନଟ ୨ ହୋମଗାର୍ଡଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିବାବେଳେ ଫାଣ୍ଡିର ଜଣେ କର୍ମଚାରୀଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ କହିଛନ୍ତି।

## ସଂକ୍ଷେପରେ

### ନାବାଳକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଶହୀଦ ନଗର ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ନାବାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ନାବାଳକଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭିଏସ୍ଏସ୍ ନଗରସ୍ଥିତ ଡିଏଲ କଲୋନୀରେ ରହୁଥିବା ସୌରଭ ପାତ୍ର(୧୭)ଙ୍କ ସହ କିଛି ଦିନ ପୂର୍ବେ ୨ଜଣ ଯୁବକଙ୍କ ସହ ଝଗଡ଼ା ହୋଇଥିଲା। ଗୁରୁବାର ସକାଳ ସାଢେ ୮ଟାରେ ସୌରଭ ଦୋକାନକୁ ଯାଉଥିବା ଦେଖି ୩ ବାଇକରେ ୫ ଯୁବକ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ସୌରଭଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ପୋଲିସକୁ ଜଣାଇଥିଲେ।

### ଟଙ୍କା ପାଇଁ ବଧୂହତ୍ୟା ଅଭିଯୋଗ

ପୁରୀ ଅଫିସ,୧୭।୯: ଟଙ୍କା ପାଇଁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରିଥିବା କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ଭାଇ ଖୋର୍ଦ୍ଧା ଜିଲା ପଲ୍ଲାର ହିମାଂଶୁ ମହାନ୍ତି ଥାନାରେ କରିଥିବା ଅଭିଯୋଗ ମୁତାବକ ୨୦୧୬ରେ ତାଙ୍କ ଭଉଣୀ ଶୁଚିସ୍ମିତା ପୁରୀ ଭିଆଇପି ରୋଡ୍ ଦରଜିପୋଖରୀ ଛକର ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ପ୍ରଦାନ କରିଥିଲେ। ବିବାହର କିଛି ମାସ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ଦାବି କରିଥିଲେ। ବାପଘରୁ ୨ଲକ୍ଷ ଟଙ୍କା ଆଣିବା ପାଇଁ କହି ଶୁଚିସ୍ମିତାଙ୍କୁ ମିଳିମିଶି ନିର୍ଯାତନା ଦେଇଆସୁଥିଲେ। ନିର୍ଯାତନା ଖବର ଶୁଣି ସେମାନେ ଶାଶୁଘରକୁ ଆସି ଏତେ ଟଙ୍କା କେଉଁଠୁ ଦେବେ ବୋଲି ନେହୁରା ହୋଇ କହିଥିଲେ। ମାତ୍ର ଶାଶୁଘର ଲୋକଙ୍କ ନିର୍ଯାତନା କମି ନ ଥିଲା। ୫ ଦିନ ତଳେ ତାଙ୍କ ସାନଭାଇ ଭଉଣୀକୁ ନେବାକୁ ଆସିଥିଲେ। ମାତ୍ର ଭଉଣୀକୁ ନ ଛାଡ଼ି ସାନଭାଇକୁ ଖରାପ ବ୍ୟବହାର କରିବାରୁ ସେ ଫେରିଆସିଥିଲେ। ବୁଧବାର ଶୁଚିସ୍ମିତାଙ୍କୁ ଶାଶୁଘର ଲୋକେ ମିଶି ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ହିମାଂଶୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ହିମାଂଶୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କୁଳମଣି ସେଠୀଙ୍କୁ ପଚାରିବାରେ କହିଛନ୍ତି, ଯୌତୁକ ପାଇଁ ଶୁଚିସ୍ମିତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

### ବଣିକ ସଂଘର ଜିଲାପାଳଙ୍କୁ ଦାବିପତ୍ର

ନିରାକାରପୁର,୧୭।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏହି ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ଗତ ରବିବାରଠାରୁ ୧୯ତାରିଖ ପର୍ଯ୍ୟନ୍ତ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କାରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାଥିବା ବେଳେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ସଂକ୍ରମଣର ପ୍ରଭାବ ବଜାର ଉପରେ ପଡ଼ି ନ ଥିଲେ ମଧ ବଜାରକୁ ବନ୍ଦ ବରାଯାଇଛି। ବଜାର ଖୋଲିବାକୁ ଅନୁମତି ଦେବା ପାଇଁ ଗୁରୁବାର ବଣିକ ସଂଘ ଜିଲାପାଳ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସଂଘ ସମ୍ପାଦକ ପବିତ୍ର ମୋହନ ସାହୁ କହିଛନ୍ତି।

# ପ୍ରୋଷ୍ଟେଟ୍ ସମସ୍ୟାରେ ପୀଡ଼ିତ ୬୫% ପୁରୁଷ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଭାରତୀୟଙ୍କ ମଧ୍ୟରେ ବୃଦ୍ଧିପାଉଛି ବିନାଇନ୍ ପ୍ରୋଷ୍ଟାଟିକ୍ ହାଇପର୍ପ୍ଲାସିଆ(ବିପିଏଚ୍) ଜନିତ ସମସ୍ୟା। ମୂତ୍ରାଶୟର ବାହ୍ୟପଥରେ ବାଧା ସୃଷ୍ଟି କରୁଥିବା ବିପିଏଚ୍ ପ୍ରୋଷ୍ଟେଟ୍ ଏକ ବୟସ ସମ୍ବନ୍ଧିତ ରୋଗ ହୋଇଥିବାବେଳେ ବୟସ୍କ ପୁରୁଷଙ୍କ ମଧ୍ୟରେ ଏହା ଅଧିକ ଦେଖିବାକୁ ମିଳୁଛି। ଭାରତରେ ୪୫ ବର୍ଷରୁ ଅଧିକ ବୟସ୍କ ପ୍ରାୟ ୬୫% ପୁରୁଷ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେବେ ଅଧିକାଂଶ ପୁରୁଷ ପ୍ରାଥମିକ ଅବସ୍ଥାରେ ଏହାକୁ ଲୁଚାଉଥିବାରୁ ପରବର୍ତ୍ତୀ ସମୟରେ ଏହା ମାରାତ୍ମକ ସାବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି। ବୟସ୍କ ପୁରୁଷ ସଂଖ୍ୟାରେ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ରାଷ୍ଟ୍ର। ଏଥିସହ ଏଠାରେ ମଧ୍ୟ ବୟସ୍କ ପୁରୁଷଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି। ଏହି ଶ୍ରେଣୀର ପୁରୁଷମାନେ ସାଧାରଣତଃ ଟାଇପ୍-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, କୋଲେଷ୍ଟେରୋଲ, କାଟାରାକ୍ଟ ଏବଂ ବିନାଇନ୍ ପ୍ରୋଷ୍ଟାଟିକ୍ ହାଇପର୍ପ୍ଲାସିଆ ତଥା ବିପିଏଚ୍ ଦ୍ୱାରା ସୃଷ୍ଟି ହେଉଥିବା ଏକାଧିକ ଅସୁସ୍ଥତାର ସମ୍ମୁଖୀନ ହୋଇଥାନ୍ତି। ବିପିଏଚ୍‌ର ଆକ୍ରାନ୍ତ ପୁରୁଷମାନେ ବାରମ୍ବାର ପରିସ୍ରା ଲାଗିବା, ରାତିରେ ଶୋଇବା ସମୟରେ ପରିସ୍ରା ପାଇଁ ବାରମ୍ବାର ନିଦରୁ ଉଠିବା, ପରିସ୍ରା ସମୟରେ ଦୁର୍ବଳ ପ୍ରବାହ ଓ ପରିସ୍ରା ପରେ ମଧ୍ୟ ସନ୍ତୁଷ୍ଟ ନଲାଗିବା ଭଳି ସମସ୍ୟା ଭୋଗିଥାନ୍ତି ବୋଲି ଭିଏସ୍ଏସ୍ ମେଡିକାଲ କଲେଜ ସମ୍ବଲପୁର୍‌ର ୟୁରୋଲୋଜିଷ୍ଟ ଡା. ସଞ୍ଜୟ ମହାପାତ୍ର କହିଛନ୍ତି।

### ଲୁଚାଇଲେ ହୋଇପାରେ ଘାତକ

ପ୍ରୋଷ୍ଟେଟ୍ ସଚେତନତା ମାସ ଅବସରରେ ଆୟୋଜିତ ଏକ ୱେବିନାର୍‌ରେ ସୂଚନା ଦେଇ ଡା. ମହାପାତ୍ର କହିଛନ୍ତି, ବିପିଏଚ୍ ଆକ୍ରାନ୍ତ ଅଧିକାଂଶ ରୋଗୀ ନିଜକୁ ସ୍ୱାଭାବିକ ଦର୍ଶାଇଥାନ୍ତି। ସେମାନେ ଚୁପ୍‌ଚାପ୍ ଏହି ଲକ୍ଷଣଗୁଡ଼ିକୁ ସହ୍ୟ କରିଥାନ୍ତି ଓ ସ୍ୱାସ୍ଥ୍ୟାବସ୍ଥା ଜଟିଳ ନ ହେବା ପର୍ଯ୍ୟନ୍ତ ତାହାର ମୁକାବିଲା ପାଇଁ ବିଭିନ୍ନ ବିକଳ୍ପ ଆପଣାଇଥାନ୍ତି। ମାତ୍ର ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଗଲେ ଏହା ଘାତକ ସାବ୍ୟସ୍ତ ହୋଇଥାଏ। ରିକରେଣ୍ଟ ଆକ୍ୟୁଟ୍ ୟୁରିନାରି ରିଟେନ୍ସନ(ପରିସ୍ରା କରିବାରେ ହଠାତ୍ ଯନ୍ତ୍ରଣାଦାୟକ ଅସାମର୍ଥତା), ରିକରେଣ୍ଟ ୟୁରିନାରି ଇନ୍‌ଫେକ୍ସନ, ଷ୍ଟୋନ୍ ହେବା, ଏପରିକି ଉଭୟ କିଡ୍‌ନି କ୍ଷତିଗ୍ରସ୍ତ କିମ୍ବା ଫେଲ୍ ହେବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଅଧିକାଂଶ ମାମଲାରେ ସର୍ଜରୀ ପରେ ମଧ୍ୟ ସମସ୍ୟା କମି ନ ଥାଏ। ଫଳରେ ରୋଗୀଙ୍କୁ ସାରା ଜୀବନ କ୍ୟାଥେଟେରିଜେଶନ କିମ୍ବା ଡାଇଲିସିସ୍‌ରେ ରଖିବାକୁ ପଡିପାରେ। ଶାରୀରିକ ଲକ୍ଷଣ କିମ୍ବା ରେଡିଓଗ୍ରାଫିକ୍ ପରୀକ୍ଷଣ ଓ କିଛି ଲ୍ୟାବ୍ ଟେଷ୍ଟରୁ ବିପିଏଚ୍ ଚିହ୍ନଟ କରାଯାଇଥାଏ। ତେବେ ସୁସ୍ଥ ଜୀବନଶୈଳୀ ଓ ଅଭ୍ୟାସକୁ ଆପଣାଇବା ଓ କମ୍ ଔଷଧ ସେବନ କରି ବିପିଏଚ୍‌କୁ ଭଲ କରାଯାଇପାରିବ। ଲକ୍ଷଣଗୁଡ଼ିକ ଅନିୟନ୍ତ୍ରିତ ହେଲେ କିମ୍ବା ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେଲେ ପ୍ରୋଷ୍ଟାଟିକ୍ ଟିସୁକୁ ସର୍ଜରୀ ମାଧ୍ୟମରେ ବାହାର କରିବା ଜରୁରୀ ହୋଇଥାଏ ବୋଲି ଡା. ମହାପାତ୍ର କହିଛନ୍ତି।

# ମୁଣ୍ଡଳୀ ବ୍ୟାରେଜ ସୁରକ୍ଷା ବାଡ଼ ବିପଦସଙ୍କୁଳ

ନରାଜ,୧୭।୯(ଡି.ଏନ୍.ଏ)



କଟକ ଜିଲା ମୁଣ୍ଡଳୀ ବ୍ୟାରେଜରେ ଥିବା ସୁରକ୍ଷା ବାଡ଼ଟିର କିଛି ଅଂଶ ଏକ ବର୍ଷ ହେବ ଭାଙ୍ଗି ବିପଦପୂର୍ଣ୍ଣ ଭାବେ ଖୁଲି ରହିଛି। ବ୍ୟାରେଜରେ ଲାଗିଥିବା ୭ ଓ ୮ନଂ. ଗେଟର ମଧ୍ୟଭାଗରେ ପ୍ରାୟ ୧୫ଫୁଟ ପର୍ଯ୍ୟନ୍ତ ସୁରକ୍ଷା ବାଡ଼ଟି ଭାଙ୍ଗି ପଡିଥିବାବେଳେ ଏହାର ଉପରେ ବିଭାଗ ପକ୍ଷରୁ ଠିକ କରା ନ ଯାଇ କେବଳ ଏକ ଜାଲି ଘୋଡାଇ ଛାଡ଼ିଦିଆଯାଇଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ବିଭାଗରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ଦେଇ ବିଭିନ୍ନ ଜିଲାକୁ ବିଶେଷକରି ଭୁବନେଶ୍ୱରରୁ ଢେଙ୍କାନାଳ, ଅନୁଗୋଳକୁ ଦୈନିକ ଶତାଧିକରୁ ଉର୍ଦ୍ଧ୍ୱ ଗାଡ଼ି ଯିବାଆସିବା କରୁଥିବାବେଳେ ଟିକେ ଅସାବଧାନତା ହେଲେ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ସୂଚନାଯୋଗ୍ୟ, ଏହି ରାସ୍ତାରେ ବର୍ଷେ ତଳେ ଆଠଗଡ଼ରୁ ଭୁବନେଶ୍ୱରକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ବ୍ୟାରେଜ ଉପରେ ଶୋଇଥିବା ଷଣ୍ଢ ସହ ଧକ୍କା ହୋଇ ବାଡ଼ ଭାଙ୍ଗି ବହୁ ଜୀବନ ଚାଲିଯାଇଥିଲା। ତେଣୁ ଏହି ବାଡ଼ ମରାମତି ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏ ନେଇ ବ୍ୟାରେଜ ସହକାରୀ ଯନ୍ତ୍ରୀ ଅନନ୍ତ ଗୋପାଳ ପଟ୍ଟନାୟକ କହିଛନ୍ତି, କରୋନା ଯୋଗୁ କାର୍ଯ୍ୟ ଅଟକିଛି। ନଦୀରେ ପାଣି ଥିବାରୁ ଆଉ ଅଳ୍ପଦିନ ପରେ କାମ ହୋଇଯିବ।

# ପୁରୀ ବନ୍ୟାଞ୍ଚଳ ବୁଲିଲେ କେନ୍ଦ୍ରୀୟ ଟିମ୍

ପୁରୀ ଅଫିସ,୧୭।୯



କଣାସ ଅଞ୍ଚଳରେ ବନ୍ୟାରେ ଧସି ଯାଇଥିବା ଏକ ରାସ୍ତାକୁ ଅନୁଧ୍ୟାନ କରୁଛନ୍ତି କେନ୍ଦ୍ରୀୟ ଟିମ୍।

- ନୂଆସାହି ଘାଇ ସ୍ଥଳ ଦେଖିଲେ
- ପ୍ରଶାସନ ସହ ଆଲୋଚନା ପରେ କ୍ଷେତ୍ର ପରିଦର୍ଶନ
- ଫସଲ କ୍ଷୟକ୍ଷତି ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଲେ

ବନ୍ୟା କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ଗୁରୁବାର ପୁରୀ ଜିଲାର ବନ୍ୟାଞ୍ଚଳ ବୁଲିଛନ୍ତି। କେନ୍ଦ୍ର କୃଷି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଆସିଥିବା ୪ଜଣିଆ ଟିମ୍ ପ୍ରଥମେ ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ। ଏଠାରେ ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବନ୍ୟାରେ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ କ୍ଷୟକ୍ଷତି ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲା। ଏହାପରେ ଟିମ୍ ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିଲେ।

ଜିଲାର ସବୁଠୁ ଅଧିକ କ୍ଷତିଗ୍ରସ୍ତ କଣାସ ବ୍ଲକକୁ ଯାଇଥିଲେ କେନ୍ଦ୍ରୀୟ ଟିମ୍। ପାଣ୍ଡିଆକେରା ପଞ୍ଚାୟତ ଗଡ଼ମାଟିଆପଡ଼ାର ନୂଆସାହିଠାରେ ଦୟା ନଦୀରେ ହୋଇଥିବା ଘାଇ ଦେଖିଥିଲେ। ସେଠାରେ କ୍ଷୟକ୍ଷତି ଆକଳନ କରିବା ସହ ଘାଇର ଫଟୋ ଉଠାଇ ଥିଲେ। ବନ୍ୟାପାଣିରେ ଉଜୁଡ଼ିଯାଇଥିବା ଫସଲ ସମ୍ପର୍କରେ ଚାଷୀଙ୍କ ସହିତ କଥା ହୋଇଥିଲେ। ଚାଷୀଙ୍କ ଅବସ୍ଥାରେ କିପରି ସୁଧାର ଆସିବ ସେ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ରବିଚାଷ ଉପରେ ଗୁରୁତ୍ୱ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପରେ ନୂଆସାହି ଗାଁକୁ ଯାଇ ବାସ୍ତବ ସ୍ଥିତି ପରଖିଥିଲେ। ଗାଁର ଜଟାଧାରୀ ବେହେରାଙ୍କ ଘରକୁ ଯାଇ ଭଙ୍ଗାଘର ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ଧ ଭାଙ୍ଗି ବନ୍ୟାପାଣି ମାଡ଼ିଆସିବା ପରେ କେଉଁଠି ରହିଥିଲେ, କ'ଣ ଖାଇଲେ, ପ୍ରଶାସନ ପକ୍ଷରୁ କିପରି ସହାୟତା ମିଳିଥିଲା ଆଦି ପଚାରି ବୁଝିଥିଲେ। ଏହି ଅବସରରେ ନୂଆସାହି ଗ୍ରାମବାସୀ ଗାଁ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ କରିବା ଲାଗି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହାପରେ ଟିମ୍ ଗଡ଼ମାଟିଆପଡ଼ା ଗାଁକୁ ଯାଇ ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଫେରିବା ବେଳେ ଗାଁ ଲୋକେ ସେମାନଙ୍କୁ ଅସୁବିଧା ସମ୍ପର୍କରେ ଜଣାଇଥିଲେ।

ଏହି ପରିଦର୍ଶନ ସମୟରେ କେତେଜଣ ଚାଷୀଙ୍କ ସହ ପ୍ରତିନିଧି ଆଲୋଚନା କରିଥିଲେ। ବିପନ୍ନମାନେ ଅଧିକାରୀଙ୍କୁ ସେମାନଙ୍କ ଦୁଃଖଦୁର୍ଦ୍ଦଶା ଜଣାଇଥିଲେ। ଏହା ପରେ ଟିମ୍ ଡେଲାଙ୍ଗ ଓ ପିପିଲି ବ୍ଲକ ବନ୍ୟାଞ୍ଚଳ ଦେଖି ଭୁବନେଶ୍ୱର ଫେରିଯାଇଥିଲେ। ଫେରିବା ବେଳେ ବିଲରେ ବନ୍ୟାପାଣି ମାଡ଼ି କିପରି ଫସଲ ନଷ୍ଟ ହୋଇଛି ତାହା ଦେଖିଥିଲେ। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, କେନ୍ଦ୍ରୀୟ ଟିମ୍ ବିଶେଷକରି ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବନ୍ଧ, କେନାଲ, ରାସ୍ତା ବୁଲି ଦେଖିଛନ୍ତି। ସେହିପରି ନଷ୍ଟ ହୋଇଥିବା ଫସଲ ଏବଂ କ୍ଷତିଗ୍ରସ୍ତ ଘର ମଧ୍ୟ ଅନୁଧ୍ୟାନ କରିଛନ୍ତି। କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ ବେଳେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ସୁଶିଲ କୁମାର ବେହେରା, ଜଳସେଚନ ବିଭାଗ ଏସ୍‌ଡିଓ ଶରତ ଚନ୍ଦ୍ର ସାହୁ, କଣାସ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

भारतीय प्रतिभूति और विनिमय बोर्ड
Securities and Exchange Board of India
ସେବି ଭବନ II, ପ୍ଲଟ୍ ସଂ. ସି-7, 'ଜି' ବ୍ଲକ୍, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବଇ-400051
NISM National Institute of Securities Markets
An Educational Initiative by SEBI
ସିକ୍ୟୁରିଟୀ ବଜାରର ପ୍ରଶିକ୍ଷକଙ୍କ (SMARTs) ସୂଚୀ ପ୍ରସ୍ତୁତି
ଭାରତୀୟ ସିକ୍ୟୁରିଟୀ ଏବଂ ବିନିମୟ ବୋର୍ଡ (ସେବି) ନିବେଶକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ସିକ୍ୟୁରିଟିଜ୍ ମାର୍କେଟ୍‌ର ପ୍ରଶିକ୍ଷକ (SMARTs)ଙ୍କ ସୂଚୀ ପ୍ରସ୍ତୁତ କରିବା ହେତୁ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆବେଦନ ଆମନ୍ତ୍ରଣ କରୁଛନ୍ତି ।
ଚୟନ ସମ୍ବନ୍ଧିତ ମାନଦଣ୍ଡ ବିଶେଷ, ଆବେଦନ ଫର୍ମ, ଇତ୍ୟାଦି ବିବରଣୀ ଆମର ୱେବସାଇଟ୍ https://www.sebi.gov.in ଏବଂ https://investor.sebi.gov.in ରେ ଏବଂ ରାଷ୍ଟ୍ରୀୟ ସିକ୍ୟୁରିଟିଜ୍ ବଜାର ସଂସ୍ଥାନ (ଏନ୍ଆଇଏସ୍ଏମ୍) ୱେବସାଇଟ୍ https://www.nism.ac.in ରେ ଦିଆଯାଇଛି ।
ଆବେଦନ ପ୍ରସ୍ତୁତ କରିବାର ଅନ୍ତିମ ତାରିଖ 16 ଅକ୍ଟୋବର 2020 ।
ନିବେଶକ ସଚେତନତା ବିଭାଗ, ଓ.ଆଇ.ଏ.ଇ

# ହାଇକୋର୍ଟରେ ପ୍ରେମିକଙ୍କ ଜାମିନ ଖାରଜ

ଭୁବନେଶ୍ୱର,୧୭।୯ (ବ୍ୟୁରୋ)

### ମହିଳା ଆଇନଜୀବୀ ଦୀପାଳି ମୃତ୍ୟୁ ମାମଲା

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବିଜୟବିହାରରେ ରହୁଥିବା ମହିଳା ଆଇନଜୀବୀ ଦୀପାଳି ପ୍ରିୟଦର୍ଶିନୀ ଜେନା ମୃତ୍ୟୁ ମାମଲାରେ ପ୍ରେମିକ ବିକ୍ରମ କେଶରୀ ମିଶ୍ରଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ଭୁବନେଶ୍ୱର ଜିଲା ଦୌରାଜଜ୍ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଗତ ଫେବୃୟାରୀରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଏକ ଖଣ୍ଡପୀଠ ମାମଲାର ଶୁଣାଣି କରି ଜାମିନ ଦେବାକୁ ମନା କରିଛନ୍ତି। ମାମଲାର ଟ୍ରାଏଲ ଚାଲିଥିବାରୁ ବିକ୍ରମଙ୍କୁ ଜାମିନ ଦେଲେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିପାରନ୍ତି। ଏହାସହ ଜଣେ ଆଇନଜୀବୀଙ୍କ କ୍ଷେତ୍ରରେ ଏଭଳି ଘଟିଥିବାରୁ ଦୋଷୀଙ୍କୁ ଜାମିନ ନ ଦିଆଯାଉ ବୋଲି ମୃତ ଦୀପାଳିଙ୍କ ଭଉଣୀ ଇତିଶ୍ରୀ ଜେନାଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ କୁମାର ସାହୁ ଓ ଲକ୍ଷ୍ମୀନାରାୟଣ ପଟେଲ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ।

ସୂଚନାଯୋଗ୍ୟ, ଦୀପାଳି ବିଜୟବିହାରରେ ଘର ଭଡା ନେଇ ମା' ଓ ସାନ ଭଉଣୀଙ୍କ ସହ ରହୁଥିଲେ। ସେ ଭୁବନେଶ୍ୱର ବାର୍‌ରେ ଓକିଲ ଭାବେ କାର୍ଯ୍ୟ କରୁଥିଲେ। ପ୍ରେମିକ ବିକ୍ରମଙ୍କ ସହ ତାଙ୍କର ବିବାହ ମଧ ଠିକ୍ ହୋଇଥିଲା। ଅକ୍ଟୋବର ୧୯ରେ ଦୀପାଳିଙ୍କ ମା' ଗାଁକୁ ଚାଲିଯାଇଥିବାବେଳେ ସନ୍ଧ୍ୟାରେ ବିକ୍ରମ ହଠାତ୍ ତାଙ୍କ ଘରେ ପହଞ୍ଚିବାରୁ ସାନଭଉଣୀ ସାଙ୍ଗଙ୍କ ଘରକୁ ପଳାଇଥିଲେ। ରାତି ୧୨ଟା ପରେ ଦୀପାଳି ଘର ଭିତରୁ କବାଟ ବନ୍ଦ କରି ଦେଇଛନ୍ତି ବୋଲି ସାନ ଭଉଣୀକୁ ଜଣାଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି କବାଟ ଲକ୍ ତାଡ଼ି ଝୁଲନ୍ତା ଅବସ୍ଥାରେ ଦୀପାଳିଙ୍କ ମୃତଦେହ ଉଦ୍ଧାର କରିଥିଲା। ବିକ୍ରମଙ୍କ ପାଇଁ ଦୀପାଳି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଧଉଳି ପୋଲିସ କେସ୍ ନଂ-୧୭୧/୧୯ ରୁଜୁ କରି ତଦନ୍ତ କରିଥିଲା। ୨୦୨୦ ଜାନୁୟାରୀ ୨୮ରେ ବିକ୍ରମ ଭୁବନେଶ୍ୱର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ୩ ଏସିପି, ୯ ଥାନାଧିକାରୀ କରୋନା ସଂକ୍ରମିତ

### ସୂଚନା ଦେଲେ ପୋଲିସ କମିଶନର

ଭୁବନେଶ୍ୱର,୧୭।୯ (ବ୍ୟୁରୋ): କରୋନା ଲଢ଼େଇରେ ଯୋଦ୍ଧା ସାଜିଥିବା ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ସଂକ୍ରମଣର ଶିକାର ହୋଇଛନ୍ତି। ଭୁବନେଶ୍ୱର କମିଶନରେଟ ପୋଲିସର ୪୫ ଅଧିକାରୀଙ୍କ ସହ ହଜାରେ କର୍ମଚାରୀ ସଂକ୍ରମିତ ହୋଇଥିବାବେଳେ ୪ଜଙ୍କର ମୃତ୍ୟୁ ଘଟିଛି। ସଂକ୍ରମିତଙ୍କ ମଧ୍ୟରେ ୩ ଜୋନ୍‌ର ଏସିପିଙ୍କ ସମେତ ନୟାପଲ୍ଲୀ, ମଞ୍ଚେଶ୍ୱର, ଖାରବେଳନଗର, ଲିଙ୍ଗରାଜ ଆଦି ୯ଟି ଥାନାର ଅଧିକାରୀ ରହିଛନ୍ତି ବୋଲି ଗୁରୁବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏଠାରେ ୨୦ ଥାନା ରହିଥିବାବେଳେ ଅଧିକାଂଶ ଥାନାରେ କର୍ମଚାରୀ ଅଭାବ ଦେଖାଦେଇଛି। ଏପଟେ କୋଭିଡ଼ ନିୟମକୁ କଡାକଡି କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବାହାରୁ ଅଧିକ ପୋଲିସ କର୍ମଚାରୀଙ୍କୁ ଅଣାଯାଇପାରେ। ତେବେ କିଭଳି ଥାନା ସହ ବାହାରେ କୋଭିଡ଼ ନିୟମକୁ କଡାକଡି ପାଳନ କରାଯିବ ଓ ଡ୍ୟୁଟିବେଳେ ପୋଲିସ ଯେପରି ସଂକ୍ରମଣର ଶିକାର ନ ହେବ ତାହାର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି।

# ୧୧୫ଜଣ ଦେଲେ ଜରିମାନା

ବାଲିଅନ୍ତା,୧୭।୯(ଡି.ଏନ୍.ଏ)

ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ଗୁରୁବାର ବାଲିଅନ୍ତା ବଜାର, ଭିଙ୍ଗାରପୁର, ତ୍ରିନାଥ ବଜାର ଆଦି ସ୍ଥାନରେ ଚେକିଂକୁ ଜୋରଦାର କରାଯାଇଛି। ଉଲ୍ଲଂଘନକାରୀ ଓ ମାସ୍କ ପିନ୍ଧୁ ନ ଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ପୋଲିସ ଏହି ୩ଟି ସ୍ଥାନରେ ୧୧୫ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ହାଟ ବଜାର ଓ ଛକ ସ୍ଥାନରେ ଯେପରି ଗହଳି ନ କରିବା ଓ ଦୋକାନ ସମ୍ମୁଖରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଥାନାଧିକାରୀ ପ୍ରଦୀପ କୁମାର ରାଉତ ବ୍ୟବସାୟୀମାନଙ୍କୁ କହିଛନ୍ତି।

# ୪ଫୁଟ ଉଚ୍ଚ ମୂର୍ତ୍ତି ନିର୍ମାଣ ପାଇଁ ୯୩ ପ୍ରତିଶତ ପୂଜା କମିଟି ରାଜି

କଟକ ଅଫିସ୍, ୧୭।୯

- ଜବାବ ଦାଖଲ କଲେ ପୋଲିସ କମିଶନର
- ଏସ୍ଆର୍‌ସିଙ୍କ ଗାଇଡ୍‌ଲାଇନ୍ ପାଳନ ପାଇଁ ସୁପାରିସ

ଦଶହରା ପାଇଁ ଦେବୀଙ୍କ ମୃଣ୍ମୟ ମୂର୍ତ୍ତି ଉଚ୍ଚତାକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାକୁ ଆଧାର କରି ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ଗୁରୁବାର ଆଡ୍‌ଭୋକେଟ ଜେନେରାଲଙ୍କ ନିକଟରେ ଜବାବ ଦାଖଲ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସହରର ୯୩ ପ୍ରତିଶତ ପୂଜା କମିଟି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି)ଙ୍କ ଗାଇଡ୍‌ଲାଇନ ପାଳନ ସହ ୪ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ ପାଇଁ ରାଜି ଅଛନ୍ତି। ଏବେ ସୁଦ୍ଧା ୧୪୨ଟି ପୂଜା ମଣ୍ଡପରେ ମୂର୍ତ୍ତି ନିର୍ମାଣ ହୋଇନାହିଁ। ୭ଟି ମଣ୍ଡପ ପ୍ରାୟ ୫ଫୁଟର ଓ ୨ଟି ମଣ୍ଡପ ୫ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି। ଏହାଛଡ଼ା କମିଶନର ଦର୍ଶାଇଛନ୍ତି, ଖଡ଼ିଧରା ଆମାବାସ୍ୟା ପୂର୍ବରୁ ମୂର୍ତ୍ତି ନିର୍ମାଣ ହେବା ଆବଶ୍ୟକ ବୋଲି ଆବେଦନକାରୀମାନେ ଯୁକ୍ତି ରଖିଥିଲେ। ଏ ସଂକ୍ରାନ୍ତରେ ପୂଜକ ଓ ମୂର୍ତ୍ତି କାରିଗରଙ୍କ ସହ ଆଲୋଚନା କରାଯାଇଛି। ୩ଜଣ ମଧ୍ୟ ଏଥିରେ ପକ୍ଷଭୁକ୍ତ ହୋଇଛନ୍ତି। ବେଲବରଣୀ ଓ ପ୍ରାଣପ୍ରତିଷ୍ଠା ପର୍ଯ୍ୟନ୍ତ ମୂର୍ତ୍ତି ନିର୍ମାଣ ହୋଇ ପାରିବ। ଆବଶ୍ୟକସ୍ଥଳେ ମୂର୍ତ୍ତି ଆକାରରେ ପରିବର୍ତ୍ତନ କରାଯାଇ ପାରିବ ବୋଲି କମିଶନର ଦାଖଲ କରିଥିବା ପତ୍ରରେ ଉଲ୍ଲେଖ ହୋଇଛି। ଏଣୁ ଏସ୍ଆର୍‌ସିଙ୍କ ଦ୍ୱାରା ଜାରି ଗାଇଡ୍‌ଲାଇନ୍ ପାଳନ କରିବାକୁ କମିଶନର ଯୁକ୍ତି ରଖିଛନ୍ତି।

# ୫୧୮୮ ଅମାନିଆ ଗଣିଲେ ଦଣ୍ଡ, ୨୧ ଦୋକାନ ସିଲ୍

ଭୁବନେଶ୍ୱର,୧୭।୯ (ବ୍ୟୁରୋ)

### କମିଶନରେଟ ପୋଲିସର ଯାଞ୍ଚ ଜୋର୍‌ଦାର

ଦ୍ୱୈତନଗରୀରେ କରୋନା ବେକାବୁ ପରିସ୍ଥିତିକୁ ଚାଲିଯାଉଥିବାରୁ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ କୋଭିଡ୍ ନିୟମ ଓ କଟକଣାକୁ କଡାକଡି ପାଳନ କରିବାକୁ ଡିଜିପି ନିର୍ଦ୍ଦେଶ ଦେବା ପରେ ଗୁରୁବାରଠାରୁ କଟକ ଓ ଭୁବନେଶ୍ୱରରେ ଯାଞ୍ଚକୁ ଜୋର୍‌ଦାର କରାଯାଇଛି। ସହରର ହାଟ, ବଜାର, ରାସ୍ତା, ଗଳି କନ୍ଦି, ସୋରୁମ୍ ଆଦି ସ୍ଥାନରେ ୩ ଜୋନ୍ ଦାୟିତ୍ୱରେ ଥିବା ଡିସିପି ର୍ୟାଙ୍କ୍‌ର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଇ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। କମିଶନରେଟ ପୋଲିସର ସୂଚନାନୁସାରେ, ମୋଟ ୫୧୮୮ଜଣ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମାସ୍କ ନ ପିନ୍ଧି ୬୬୦ଜଣ ଦଣ୍ଡ ଗଣିଥିବାବେଳେ ସାମାଜିକ ଦୂରତ୍ୱ ନ ମାନି ଗହଳି କରୁଥିବା ୩୩୩୩ଜଣ ଓ ମୋଟର ଯାନ ଆଇନ ଉଲ୍ଲଂଘନ କରି ଧରାପଡିଥିବା ୧୧୪୫ ଜଣଙ୍କଠାରୁ ଜରିମାନା ନିଆଯାଇଛି। ସେହିଭଳି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ୨୧ ଦୋକାନକୁ ସିଲ୍ କରାଯାଇଥିବା ଜଣାପଡିଛି।



ଭୁବନେଶ୍ୱରରେ ଏକ ଶୋ'ରୁମ୍‌ରେ ଯାଞ୍ଚ କରାଯାଉଛି।



ଜଣେ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି।

କୋଭିଡ଼ ନିୟମ ଉଲ୍ଲଂଘନ କରୁଥିବା ଅମାନିଆଙ୍କୁ ସାବାଡ୍ କରିବା ପାଇଁ କିଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସମସ୍ତ ଥାନା ଅଧିକାରୀ ଓ ଏସିପିଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥା ହୋଇଥିଲେ। ଏଥିପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ସ୍ପେଶାଲ ଇନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଜନଗହଳି ସ୍ଥାନରେ ପୋଲିସ ମୁତୟନ ରହିବେ ଓ ପିସିଆର ଭ୍ୟାନ୍ ମଧ ଏନ୍‌ଫୋର୍ସମେଣ୍ଟରେ ସାମିଲ ରହିବ। ଜୋନ୍ ଏସିପିମାନେ ସ୍ପେଶାଲ ଡ୍ରାଇଭ କରିବେ। ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସିପି କହିଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀ ଫୋନ୍ ମାଧ୍ୟମରେ ସୁପରିଭିଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଳାସପଲ୍ଲି, ପୋଖରୀପୁଟ, କଳ୍ପନା ଛକ, ଟଙ୍କପାଣିରୋଡ଼, ରଘୁନାଥପୁର, ସୁନ୍ଦରପଦା ହାଟ, ବ୍ରହ୍ମେଶ୍ୱର ଛକ, ବାପୁଜୀ ନଗର, ଓମଣା ହାଟ, ପଟିଆ ଛକ, କିଟ୍ ଛକ ଆଦି ବହୁ ସ୍ଥାନରେ କଡାକଡି ଯାଞ୍ଚ ହୋଇଥିଲା। ଏହି ଯାଞ୍ଚରେ ଟ୍ରାଫିକ ପୋଲିସ ମଧ୍ୟ ସାମିଲ ରହିଥିଲେ। ଯେଉଁମାନେ ଘଟଣାସ୍ଥଳର ଜରିମାନା ଦେଇ ନ ଥିଲେ ସେମାନଙ୍କ ଉପରେ ଇ ଚାଲାଣ କଟାଯାଇଥିଲା।

## ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**କଟକ ଅଫିସ:** ବାଦାମବାଡି ନ୍ୟୁ କଲୋନୀ ହାଇସ୍କୁଲରେ ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ ସିଟି ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ଉପସଭାପତି ଅଭିଜିତ ସାହୁଙ୍କ ଜନ୍ମଦିନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ଶୁଭ୍ରାଂଶୁ ମିଶ୍ର, କନିଷ୍କ ଜେନା, ସ୍ମୃତିରଞ୍ଜନ ନାୟକ, କପିଳା ବାରିକ, ଆସିଫ ଅମିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ରାଜଧାନୀ ଉପକଣ୍ଠରେ ୪୨ ପଜିଟିଭ ଚିହ୍ନଟ

**ବାରଙ୍ଗ,୧୭।୯(ଡି.ଏନ୍.ଏ):** ମେଣ୍ଢାଶାଳ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପଞ୍ଚାୟତରୁ ୪୨ଜଣଙ୍କ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମେଣ୍ଢାଶାଳ ପଞ୍ଚାୟତରେ ୫ଜଣ, ଦାରୁଠେଙ୍ଗରେ ଜଣେ, ଚନ୍ଦକାରୁ ୩, ରଘୁନାଥପୁର ପଞ୍ଚାୟତର ମଣିତ୍ରିଭୁବନ ଆପାର୍ଟମେଣ୍ଟରୁ ୧୬, ଅନ୍ୟ ୨ଟି ଆପାର୍ଟମେଣ୍ଟରୁ ୨ଜଣଙ୍କୁ ମିଶାଇ ୧୮ଜଣ, ଦାଢ଼ା ପଞ୍ଚାୟତର ପଦାସାହି ଗ୍ରାମରୁ ଜଣେ, ବାଲିପଡ଼ା ଗ୍ରାମରୁ ୩କୁ ମିଶାଇ ୪ଜଣ, କଳାରାହାଙ୍ଗ ପଞ୍ଚାୟତରୁ ଜଣକୁ ମିଶାଇ ସମୁଦାୟ ୩୨ଜଣ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଗ୍ରାମରୁ ୧୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ୪୨ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୧୮ଜଣ ମହିଳା ରହିଛନ୍ତି। ଏମାନଙ୍କର ନମୁନା ଗତ ୧୨ ଓ ୧୩ ତାରିଖରେ ସଂଗ୍ରହ କରାଯାଇ ଏମ୍ସରେ ପରୀକ୍ଷା କରାଯାଇଥିଲା। ଏମାନଙ୍କର ୧୬ତାରିଖରେ ପଜିଟିଭ ଜଣାପଡିବା ପରେ ମେଣ୍ଢାଶାଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନେ ବୁଧବାର ରାତିରେ ଆକ୍ରାନ୍ତମାନଙ୍କୁ ଜଣାଇ ନେଇଛନ୍ତି।

## କରୋନା ନେଲା ପୁଣି ୪ ଜୀବନ
## ପୁରୀରୁ ୨୯୧ ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ, ୧୭।୯:** ପୁରୀ ଜିଲାରେ ଏବେ କରୋନା ଦ୍ରୁତ ବେଗରେ ମାଡ଼ି ଚାଲିଛି। ଜିଲାରେ ସଂକ୍ରମଣ ସ୍ଥିତି ଗମ୍ଭୀର ରହିଥିବାବେଳେ ଗୁରୁବାର ୪ ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏଥିସହ ଜିଲାରୁ ୨୯୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୭,୪୨୧ ଛୁଇଁଛି। ଏମାନଙ୍କ ମଧ୍ୟରୁ ୫,୪୬୬ ଜଣ ସୁସ୍ଥ ହୋଇଥିବାବେଳେ ୧,୯୨୩ ଜଣ ଚିକିତ୍ସାଧୀନ ଅଛନ୍ତି। ଏ ପର୍ଯ୍ୟନ୍ତ ଜିଲାର ୩୨ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୭୬,୮୪୦ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୭୩.୬୫ ପ୍ରତିଶତ। ଏବେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୧୯୪ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୨୦, ନିମାପଡ଼ାରେ ୫ ଏବଂ ସତ୍ୟବାଦୀ ବ୍ଲକରେ ଗୋଟିଏ କଣ୍ଟେନମେଣ୍ଟ ଜୋନ ରହିଛି।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୪୪ ଆକ୍ରାନ୍ତ, ୨ମୃତ

**ଖୋର୍ଦ୍ଧା ଅଫିସ,୧୭।୯:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୨୪୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୨୫ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବାଣପୁରର ୨ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତାର ୧୨, ବାଲିପାଟଣା ୩୩, ଭୁବନେଶ୍ୱର ବ୍ଲକ ୪୬, ଜଟଣୀ ୩୧, ଖୋର୍ଦ୍ଧା ବ୍ଲକ ୨୬, ବେଗୁନିଆ ୧୮, ବୋଲଗଡ଼ ୮, ଟାଙ୍ଗୀ ୧୪, ଚିଲିକା ୩୭, ବାଣପୁରର ୧୯ଜଣ ରହିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଗୁରୁବାର ସୁଦ୍ଧା ମୋଟ୍ ୮୨୬୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୬୫୯୫ଜଣ ସୁସ୍ଥ ହୋଇଛନ୍ତି। ୧୬୩୧ଜଣ ସକ୍ରିୟ କେସ୍ ରହିଥିବା ବେଳେ ୩୫ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## କରୋନାରୁ ଆରୋଗ୍ୟ ପାଇଁ ଦୀପଦାନ

**ପୁରୀ ଅଫିସ,୧୭।୯:** ପୁରୀ ଜିଲାବାସୀ କରୋନାରୁ କିପରି ଆରୋଗ୍ୟ ଲାଭ କରିବେ ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଦୀପଦାନ କରାଯାଇଛି। ଗୁରୁବାର ପୁରୀ ଜିଲା ନଗର, ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ ସହ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ବହୁ ସେବାୟତ ଓ ତାଙ୍କ ପରିବାର ସଦସ୍ୟ କରୋନାରେ ଆକ୍ରାନ୍ତ ହେଉଥିବାରୁ ମହାପ୍ରଭୁଙ୍କ ସେବାପୂଜାରେ ବିଭ୍ରାଟ ହୋଇପାରେ। ଜିଲା ନଗର କଂଗ୍ରେସ ସଭାପତି ଛବୀନ୍ଦ୍ର ପଢିଆରୀଙ୍କ ନେତୃତ୍ୱରେ ରାଜ୍ୟ ମୁଖପାତ୍ର ବିନାୟକ ଦାସମହାପାତ୍ର, ସେବା ଦଳ ଜିଲା ଅଧ୍ୟକ୍ଷ ବିଶ୍ୱକେଶନ ହରିଚନ୍ଦନ, କାଳୀପ୍ରସାଦ ନାୟକ, ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ, ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ବିଧାନସଭା ଛାତ୍ର କଂଗ୍ରେସ ସଭାପତି ଅନୀଲ ପ୍ରଧାନ ଦୀପଦାନ କରିଥିଲେ।

# ଭୁବନେଶ୍ୱର: ୧୩ହଜାର ଟପିଲା ସୁସ୍ଥ ସଂଖ୍ୟା

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

- ପୁଣି ୩୨୫ ପଜିଟିଭ୍, ୪୨୦ ସୁସ୍ଥ
- ଆଉ ୩ ମୃତ, ସଂଖ୍ୟା ୬୭କୁ ବୃଦ୍ଧି

ଭୁବନେଶ୍ୱରରେ ଏବେ କରୋନା ସଂଖ୍ୟା ହ୍ରାସ ପାଉଛି। ଗତ କିଛିଦିନ ହେବ ସଂକ୍ରମିତଙ୍କ ସଂଖ୍ୟା କମ୍ ଆସୁଥିବାବେଳେ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧିପାଉଥିବା ନଜରକୁ ଆସିଛି। ଗତ ୫ଦିନ ମଧ୍ୟରେ ସୁସ୍ଥଙ୍କ ସଂଖ୍ୟା ଦୈନିକ ହାରାହାରି ୪୦୦ରୁ ୫୦୦ ମଧ୍ୟରେ ରହୁଛି। ଏହି ମର୍ମରେ ଗୁରୁବାର ଭୁବନେଶ୍ୱରରୁ ୪୨୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ମୋଟ ସୁସ୍ଥଙ୍କ ସଂଖ୍ୟା ୧୩୧୧୪କୁ ବୃଦ୍ଧି ପାଇଛି। ଏବେ ସଂକ୍ରମିତ ଅପେକ୍ଷା ସୁସ୍ଥ ସଂଖ୍ୟା ବୃଦ୍ଧି ପାଉଥିବାରୁ ଭୁବନେଶ୍ୱରବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

ଭୁବନେଶ୍ୱରରୁ ଗୁରୁବାର ୩୨୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭୬୨୦କୁ ବୃଦ୍ଧିପାଇଛି। ଚିହ୍ନଟଙ୍କ ମଧ୍ୟରୁ ସଙ୍ଗରୋଧରୁ ୧୦୧ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୨୨୪ ଜଣ ଚିହ୍ନଟ ହୋଇଥିବାବେଳେ ସଙ୍ଗରୋଧରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଟୁଇଟ ଜରିଆରେ ସୂଚନା ଦେଇଛି। ସଙ୍ଗରୋଧରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ହଂସପାଳସ୍ଥିତ ଏକ ସଙ୍ଗରୋଧ କେନ୍ଦ୍ରରୁ ୯ଜଣ, ଭିଏସଏସ ନଗରରୁ ୭, ଡମଣାରୁ ୬, ୟୁନିଟ-୯, ଆଇଆରସି ଭିଲେଜ, ଜିଜିପି କଲୋନୀ ଓ ଶହୀଦ ନଗରରୁ ୩ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ସ୍ଥାନୀୟ ସଂକ୍ରମଣ ଯୋଗୁ ରସୁଲଗଡ଼ରୁ ୧୧ଜଣ, ଏକ ଘରୋଇ ହସ୍ପିଟାଲରୁ ୮ଜଣ, ନୟାପଲ୍ଲୀରୁ ୮ଜଣ, ଜୟଦେବ ବିହାର, ଜାମୁଝରିରୁ ୭ଜଣ ଲେଖାଏ,ନୀଳାଦ୍ରି ବିହାର, ବିଡିଏ କଲୋନୀରୁ ୬ ଜଣ ଲେଖାଏ, ପାତ୍ରପଡ଼ା, ଡମଣାରୁ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ବହୁ ସ୍ଥାନରୁ ଜଣେ, ଦୁଇଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ଏବେ ୪୪୨୬ଜଣ ଆକ୍ରାନ୍ତଙ୍କ ଚିକିତ୍ସାଧୀନ ଅଛନ୍ତି। ତେବେ ଗୁରୁବାର ଭୁବନେଶ୍ୱରରୁ କରୋନାରେ ୩ ଜଣଙ୍କର ଜୀବନ ଯାଇଛି। ମୋଟ ୬୭ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ବିଏମ୍‌ସି ସୂଚନା ଦେଇଛି।

## ଅମାନିଆଙ୍କ ଯୋଗୁ ସ୍ଥିତି ବିଗୁଡୁଛି: ଜିଲାପାଳ

**ଖୋର୍ଦ୍ଧା ଅଫିସ,୧୭।୯:** ଖୋର୍ଦ୍ଧା ଜିଲାର ରାଜଧାନୀ ସମେତ ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ଅମାନିଆଙ୍କ ଯୋଗୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଘରୁ ବାହାରିଲେ ମାସ୍କ ପିନ୍ଧିବା ସହ ସାମଗ୍ରୀ କିଣିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ଜଣଙ୍କଠାରୁ ଦୁଇରୁ ଛ ଫୁଟ ଦୂରତା ରଖନ୍ତୁ। ମାସ୍କ କାଢ଼ିବା ପରେ ହାତକୁ ସାବୁନରେ ଭଲ ଭାବେ ଧୁଅନ୍ତୁ ବୋଲି ଜିଲାପାଳ ସନତ୍ କୁମାର ମହାନ୍ତି ଟୁଇଟ ମାଧ୍ୟମରେ ଜଣାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଭିଡିଓ କ୍ଲିପ ମାଧ୍ୟମରେ ଲୋକଙ୍କୁ ଅଭିନବ ଉପାୟରେ ସଚେତନ ଲାଗି ପ୍ରୟାସ ଆରମ୍ଭ ହୋଇଛି। ଏବେ ବି ବିପଦ ଟଳିନାହିଁ, ନିୟମକୁ ପାଳନ କରନ୍ତୁ। କଠିନ ସମୟରେ ଅଧିକ ସଚେତନତା ଆବଶ୍ୟକ। କରୋନା ସଂକ୍ରମଣର ଚେନକୁ ଭାଙ୍ଗିବାକୁ ହେଲେ ସମସ୍ତ ନିୟମ ପାଳନ କରିବା ଆବଶ୍ୟକ ବୋଲି ଜିଲା ପ୍ରଶାସନ ପକ୍ଷରୁ ଭିଡିଓ କ୍ଲିପ୍ ମାଧ୍ୟମରେ ସୂଚନା ଦିଆଯାଇଛି।

## ୧୦ ଗ୍ରାମ ଆବଦ୍ଧାଞ୍ଚଳ

**ଖୋର୍ଦ୍ଧା ଅଫିସ,୧୭।୯:** ଖୋର୍ଦ୍ଧା ଉପଖଣ୍ଡର ୧୦ଗ୍ରାମକୁ ଗୁରୁବାରଠାରୁ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ୭ଦିନ ଲାଗି ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏନେଇ ଉପଜିଲାପାଳ ଅଶୋକ ବେଉରିଆ ଟୁଇଟ ମାଧ୍ୟମରେ ଜଣାଇଛନ୍ତି। ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତର ସୁନାକେରା, ଡେଙ୍ଗାଁର ଡେଉଗାଁ ଓ ଓଢଗାଁ, ନୀଳାଦ୍ରିପ୍ରସାଦର ନିଳାଦ୍ରୀପ୍ରସାଦ, ଡୁମୁରପୁଟର ପ୍ରତାପ ଏବଂ ଟାଙ୍ଗୀ ବ୍ଲକ ର ଲେଣ୍ଡୁ ପଞ୍ଚାୟତର ୬ନଂ. ୱାଡ, ଛଣଗିରି ପଞ୍ଚାୟତର ଅରାଙ୍ଗ ଗ୍ରାମର ୬ନଂ.ୱାର୍ଡ ଆବଦ୍ଧାଞ୍ଚଳ ରହିବ। ଖୋର୍ଦ୍ଧା ବ୍ଲକର ଧଉଳିମୁହାଁ ପଞ୍ଚାୟତର ରାମଚଣ୍ଡୀ ଓ ଗୋଲବାଇ ପଞ୍ଚାୟତର ଚନ୍ଦ୍ରମା ପାଟପୁରଶାସନ ଏବଂ ବୋଲଗଡ଼ ବ୍ଲକର ପିତୁଲି ଗ୍ରାମ ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଘୋଷଣା କରିଛନ୍ତି।

## ମୋଦିଙ୍କ ଜନ୍ମଦିନକୁ ଏଆଇଏସ୍‌ଏଫ୍‌ର 'ବେରୋଜଗାର ଦିବସ' ପାଳନ



ଏଆଇଏସ୍‌ଏଫ୍ ପକ୍ଷରୁ ଗୁରୁବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଦେଶର ଶାସନ କ୍ଷମତାକୁ ଆୟତ୍ତ କରିବା ପାଇଁ ମୋଦି ସରକାର ବର୍ଷକୁ ୨ କୋଟି ହାରରେ କର୍ମନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇଥିଲେ। ମାତ୍ର ତାଙ୍କର ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। କରୋନା ଆଳରେ ଦେଶବ୍ୟାପୀ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ କରାଇ କାର୍ଯ୍ୟରେ ଥିବା ଅନ୍ୟୂନ ୧୫କୋଟି ପ୍ରବାସୀ ଶ୍ରମିକ ଓ କର୍ମଚାରୀଙ୍କୁ ବେରୋଜଗାର କରିଛନ୍ତି। ଦେଶକୁ ଏକ ବଡ଼ ସଙ୍କଟ ମଧ୍ୟକୁ ଠେଲିଦେଇ ଦେଶର ସମସ୍ତ ସମ୍ବଳ ନିର୍ବାଚନ ପାଇଁ ଚାନ୍ଦା ଦେଇଥିବା ସଂସ୍ଥାଙ୍କ ପାଦତଳେ ସମର୍ପଣ କରିଛନ୍ତି ବୋଲି ଏଆଇଏସ୍‌ଏଫ୍ ଅଭିଯୋଗ କରିଛି। ଏଆଇଏସ୍‌ଏଫ୍ ପକ୍ଷରୁ ଦେଶବ୍ୟାପୀ ବେରୋଜଗାର ଦିବସ ପାଳନ ଅବସରରେ ଗୁରୁବାର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଆୟୋଜିତ ଛାତ୍ର ବିକ୍ଷୋଭରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସମସ୍ତଙ୍କୁ ନିଃଶୁଳ୍କ ସାର୍ବଜନୀନ ଶିକ୍ଷା, ସମସ୍ତ ଶିକ୍ଷିତ ଓ କର୍ମକ୍ଷମକୁ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଇଁ ଭଗତ୍ ସିଂ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ ଲାଗି ଦାବି କରାଯାଇଛି। ମୋଦି ସରକାରଙ୍କ ଏହି କାଳ ଶାସନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭କୁ ଯୁବ ଓ ଛାତ୍ର ସମାଜ ପକ୍ଷରୁ 'ବେରୋଜଗାର ଦିବସ' ଭାବେ ପାଳନ କରାଯାଉଥିବା ଏଆଇଏସ୍‌ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ମାନସ ରଞ୍ଜନ କର, ମାମୁନି ପରିଡ଼ା ପ୍ରମୁଖ କହିଛନ୍ତି।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ।


ମା' କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ।

## ସୁନାଚେନ ଲୁଟ୍ ଘଟଣାରେ ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୭।୯**

ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେବା ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଗୁରୁବାର ଜଣେ ସୁନା ବ୍ୟବସାୟୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବେଗୁନିଆ ଥାନା ଅଧୀନ ଜାମୁସାହି ଅଞ୍ଚଳର ବଳରାମ ପରିଡା, ମହେଶ୍ୱର ମହାକୁଡ, ଆଦର୍ଶ ଥାନା ଅନ୍ତର୍ଗତ ବାଟମଙ୍ଗଳା ହାଉସିଂବୋର୍ଡର କାଳିପ୍ରସାଦ ରାଉଳ ଏବଂ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡଠାରେ ସୁନା ଦୋକାନ କରିଥିବା କଟକର ପରମାନନ୍ଦ ମହାନ୍ତି। ୨୦ଗ୍ରାମର ତରଳସୁନା ଏବଂ ଲୁଟ୍‌ରେ ବ୍ୟବହୃତ ଗାଡି ଜବତ ହୋଇଛି। ଅଭିଯୁକ୍ତମାନେ ଆଉ ୩ଟି ଲୁଟ୍ ମାମଲାରେ ସମ୍ପୃକ୍ତ ରହିଥିବା ତଦନ୍ତକାରୀ ଅଧିକାରୀ ବିଜୟ କେତନ ବେହେରା କହିଛନ୍ତି। ସୂଚନାଥାଉ କି, ଗତ ୯ତାରିଖ ସନ୍ଧ୍ୟାରେ ଗୁରୁଜଙ୍ଗର ବିନୋଦିନୀ ବେହେରା ତାଙ୍କ ସ୍ୱାମୀଙ୍କ ସହିତ ଘରକୁ ଫେରୁଥିଲେ। ପଲଟଣ ପଡିଆ ନିକଟରେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ।

## ପୁରାତନ ଛାତ୍ର ଏକାଠି, ଆନ୍ଦୋଳନ ଧମକ

**ପାଥେରପୁରୀ ହଷ୍ଟେଲ ପାଚେରି ଭଙ୍ଗାଯିବା ପ୍ରସଙ୍ଗ**

**ପୁରୀ ଅଫିସ,୧୭।୯**

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ବହନ କରୁଥିବା ଏସ୍‌ସିଏସ୍ କଲେଜର ପୁରାତନ ହଷ୍ଟେଲ ପାଥେରପୁରୀର ପାଚେରି ଭାଙ୍ଗି ରାସ୍ତା ସମ୍ପ୍ରସାରଣ କରୁଛି ପ୍ରଶାସନ। ତେବେ ଏହି ହଷ୍ଟେଲର ପାଚେରି ଭାଙ୍ଗିବାକୁ ତୀବ୍ର ବିରୋଧ କରିଛି ଏସ୍‌ସିଏସ୍ କଲେଜ ପୁରାତନ ଛାତ୍ର କ୍ରିୟାନୁଷ୍ଠାନ କମିଟି। ପ୍ରଶାସନର ଏଭଳି ମନମୁଖି ନିଷ୍ପତ୍ତି ବିରୋଧରେ ପୁରାତନ ଛାତ୍ରମାନେ ଏକାଠି ହୋଇଛନ୍ତି। ହଷ୍ଟେଲର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ନ ହେଲେ ଏବଂ ୭ଦିନ ମଧ୍ୟରେ ଭଙ୍ଗାଯାଇଥିବା ପାଚେରି ନିର୍ମାଣ କରା ନ ଗଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କମିଟି ଚେତାବନୀ ଦେଇଛି।

ଗୁରୁବାର ରାଣୀସତୀ ମଣ୍ଡପରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ସିଏସ୍ କଲେଜର ବହୁ ପୁରାତନ ଛାତ୍ର ଯୋଗଦେଇ ହଷ୍ଟେଲ ପାଚେରି ଭଙ୍ଗାଯିବା ନେଇ ପ୍ରଶାସନ ଉପରେ ବର୍ଷିଥିଲେ। ହଷ୍ଟେଲର ଗୋଟିଏ ଇଞ୍ଚ ଜମି ଅନ୍ୟ କାମରେ ଲାଗିପାରିବ ନାହିଁ ବୋଲି ରୋକ୍‌ଠୋକ ଶୁଣାଇଥିଲେ। ପାଥେରପୁରୀ ହଷ୍ଟେଲରେ ରହି ଅନେକ ଛାତ୍ର ସେମାନଙ୍କ ଭବିଷ୍ୟତ ସଜାଡ଼ିଛନ୍ତି। ଏଭଳି ଏକ ଐତିହ୍ୟର ସୁରକ୍ଷା ପାଇଁ ସେମାନେ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ବୋଲି କହିଥିଲେ। ଏ ନେଇ କମିଟି ସଦସ୍ୟ ଆଗାମୀ ଦିନରେ କଲେଜ ଅଧ୍ୟକ୍ଷ, ଏମ୍‌ପି, ବିଧାୟକ, ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ଭେଟିବେ। ୭ଦିନ ମଧ୍ୟରେ ପାଚେରି ପୁନଃ ନିର୍ମାଣ ପାଇଁ ଦାବି କରାଯାଇଛି। ନଚେତ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ପୁରାତନ ଛାତ୍ରମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ଛାତ୍ର ସୁଜିତ ମହାପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ଉମାକାନ୍ତ ନାୟକ, ଶାଶ୍ୱତ ମହାପାତ୍ର, ରାଜେଶ ମିଶ୍ର, ଚେତନ ମିଶ୍ର, ସଞ୍ଜୀବ ରଥଶର୍ମା, ଭଗବାନ ପଢିଆରୀ, ଜୟନ୍ତ କୁମାର ଦାଶ, ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱନାଥ ଦାଶ ଏହାକୁ ପରିଚାଳନା କରିଥିଲେ।

## ଯୁବ କଂଗ୍ରେସ କର୍ମୀ ବିକିଲେ ପକୁଡ଼ି

**ପୁରୀ ଅଫିସ,୧୭।୯**

ଯୁବବର୍ଗଙ୍କୁ ରୋଜଗାର ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କରୋନା ପାଇଁ ୧୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଏବେ ବେରୋଜଗାରୀ ହୋଇପଡ଼ିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଗୁରୁବାର ପୁରୀ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଜାତୀୟ ବେରୋଗାର ଦିବସ ଭାବେ ପାଳନ କରାଯାଇଛି। କଂଗ୍ରେସ କର୍ମୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚା ଓ ପକୋଡ଼ି ବିକିଛନ୍ତି। ଯୁବ କଂଗ୍ରେସ ନେତା ଆଲୋକ ଦାଶଙ୍କ ନେତୃତ୍ୱରେ ଏଥିରେ ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର, ବସ୍ତିନେତା ମନୋଜ ମଣ୍ଡଳ, ଅନିଲ ପ୍ରଧାନ, ଆଦିତ୍ୟ କୁମାର, ରାମଚନ୍ଦ୍ର ବେହେରା, ଅନିଲ ବେଜ ପ୍ରମୁଖ ସାମିଲ ଥିଲେ।

## ଅନାଥ, ଅସହାୟଙ୍କ ସହ ଜନ୍ମଦିନ ପାଳିଲେ ଆକାଶ

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଫିଲ୍ମ ଅଭିନେତା ତଥା ପୂର୍ବତନ ବିଧାୟକ ତଥା 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ ଜନ୍ମଦିନକୁ ଚଳିତବର୍ଷ ନିଆରା ଢଙ୍ଗରେ ପାଳନ କରିଛନ୍ତି। ୩୯ ବର୍ଷରେ ପାଦ ଦେଇଥିବା ଆକାଶ ଏଥର ଅନ୍‌ଲାଇନ୍‌ରେ ନିଜର ଜନ୍ମଦିନ ପାଳିଛନ୍ତି। ଦିବ୍ୟଜ୍ୟୋତି ସେବାଶ୍ରମ ଏବଂ ଆଶାକିରଣ ଓଲ୍ଡ ଏଜ୍ ହୋମ୍‌ର ଅନ୍ତେବାସୀମାନେ ଅନଲାଇନ୍‌ରେ ଆକାଶଙ୍କ ଜନ୍ମଦିନ ପାଳନ କରିଛନ୍ତି। ଆକାଶ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କ ସାଥିରେ ସାମିଲ ହୋଇ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷେ ଆକାଶ ଦାସ ନାୟକଙ୍କ ଜନ୍ମଦିନ ଅବସରରେ ତାଙ୍କ ପ୍ରଶଂସକମାନେ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ। ତେବେ ଆଶାକିରଣ ଏବଂ ଦିବ୍ୟଜ୍ୟୋତି ଆଶ୍ରମର ବରିଷ୍ଠ ନାଗରିକ ଏବଂ କୁନିକୁନି ପିଲାମାନେ କେକ୍ କାଟି ଯେପରି ତାଙ୍କର ଜନ୍ମଦିନ ପାଳନ କରିଥିଲେ ତାହା ସବୁଠାରୁ ନିଆରା ଥିଲା ବୋଲି ଆକାଶ କହିଛନ୍ତି। ଏଭଳି ଭଲ ପାଇବା ଓ ସମ୍ମାନ ପାଇଁ ସେ ସମସ୍ତ ଅନ୍ତେବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପଦାନ

**ପୁରୁଣା ଭୁବନେଶ୍ୱର,୧୭।୯(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜନ୍ମଦିବସରେ ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଭୁବନେଶ୍ୱର ଜିଲା ଭାଜପାର ସଦସ୍ୟମାନେ ୭୦ଟି ଦୀପ ଲଗାଇ ଠାକୁରଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଏଥିରେ ଭାଜପା ଜିଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଅନଶନ ଚେତାବନୀ

**୫ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଘଟଣା**

**ବେଗୁନିଆ,୧୭।୯(ଡି.ଏନ୍.ଏ.)**

ସରକାରୀ କାର୍ଯ୍ୟରେ ଅବହେଳା ନେଇ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଜୁଲି ମଙ୍ଗରାଜ ୫ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ମାଗିବା ସହ ଗୋଟିଏ ଦିନର ଦରମା ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ଦୋଷ ନ କରି ଦଣ୍ଡ ବିଧାନ ପ୍ରତିବାଦ ଓ ଅଗଣତାନ୍ତ୍ରିକ ନିର୍ଦ୍ଦେଶ ପ୍ରତ୍ୟାହାର ଦାବିରେ ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ଆସନ୍ତା ୨୫ତାରିଖ ପୂର୍ବାହ୍ନ ୧୦ଟାରୁ ଅନଶନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ପୋଲିସ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ସୂଚନାଥାଉ କି, ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗରାଜ ଗତ ୩୧ତାରିଖରେ ରାଧାକାନ୍ତପୁର ପଞ୍ଚାୟତର ଧାନଘର ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ଚକାପଦା ପ୍ରାଥମିକ ବିଦ୍ୟାଳୟ, ସୁଆଁଳ ପ୍ରାଥମିକ ବିଦ୍ୟାଳୟ, ଗଡ଼ତରା ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଉକ୍ତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଜାଣିବାକୁ ପାଇଥିଲେ। ଶିକ୍ଷା ଅଧିକାରୀ ମଙ୍ଗରାଜ ଏହି ୫ପ୍ରଧାନ ଶିକ୍ଷକଙ୍କୁ ଚିଠି ନଂ. ୧୦୯୩ରେ କାରଣ ଦର୍ଶାଅ ନୋଟିସ ମାଗିବା ସହ ଗୋଟିଏ ଦିନର ଦରମା ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ହିନ୍ଦୀ ଶିକ୍ଷକଙ୍କ ପ୍ରତି ଅଣଦେଖା

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଶିକ୍ଷିତ ହିନ୍ଦୀ ଶିକ୍ଷକମାନଙ୍କ ପ୍ରତି ସରକାର ପ୍ରତିକ୍ଷେତ୍ରରେ ଅଣଦେଖା କରୁଥିବା ନେଇ ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘ ଅଭିଯୋଗ କରିଛି। ଗତ ୧୧ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ, ୨୧୭୩ଜଣ ଶିକ୍ଷକଙ୍କୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦିଆଯାଇଛି। ମାତ୍ର ପଦୋନ୍ନତି ନିମନ୍ତେ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ କୌଣସି ହିନ୍ଦୀ ଶିକ୍ଷକଙ୍କୁ ପଦୋନ୍ନତି ମିଳି ନାହିଁ। ଏ ନେଇ ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଘର ଅଭିଯୋଗ ମୁତାବକ, ନିଯୁକ୍ତି ସମୟରେ ଅନ୍ୟ ଶିକ୍ଷକଙ୍କ ସମକକ୍ଷ ଯୋଗ୍ୟତା ଥିବା ସତ୍ତ୍ୱେ ହିନ୍ଦୀ ଶିକ୍ଷକଙ୍କୁ ଜୁନିୟର ଏସ୍‌ଇଏସ୍ ପରିବର୍ତ୍ତେ ଏଲ୍‌ଇଏସ୍ କ୍ୟାଡରରେ ଉଦ୍ଦେଶ୍ୟମୂଳକ ଭାବେ ରଖାଯାଇଛି। ଅନ୍ୟପକ୍ଷେ ନିକଟ ଅତୀତରେ ହିନ୍ଦୀ ଏବଂ ସଂସ୍କୃତ ସହ ଧନ୍ଦାମୂଳକ ବିଷୟକୁ କେଉଁ ସାମଞ୍ଜସ୍ୟ ଭିତ୍ତିରେ ୩ୟ ଭାଷାରେ ସରକାର ଯୋଡ଼ିଛନ୍ତି ତାହା ସ୍ପଷ୍ଟ କରିବାକୁ ସଂଘ ଦାବି କରିଛି। ଧନ୍ଦାମୂଳକ ପାଠ୍ୟକ୍ରମରେ ୭୦ ମାର୍କ ପ୍ରାକ୍ଟିକାଲ ଓ ୩୦ ମାର୍କର ଥିଓରି ରହିଛି। ଫଳରେ ଛାତ୍ରୀଛାତ୍ରମାନେ ହିନ୍ଦୀ ଭାଷା ଅଧ୍ୟୟନ ପ୍ରତି ରୁଚି ରଖୁ ନ ଥିବା ଜଣାପଡ଼ିଛି। ତେଣୁ ଧନ୍ଦାମୂଳକ ପାଠ୍ୟକ୍ରମକୁ ୩ୟ ଭାଷା ଚୟନରୁ ଯଥାଶୀଘ୍ର ଅଲଗା କରିବା ସହ ହିନ୍ଦୀ ଶିକ୍ଷକମାନଙ୍କୁ ଜୁନିୟର ଏସ୍‌ଇଏସ୍ କ୍ୟାଡରଭୁକ୍ତ କରିବା ପାଇଁ ସଂଘ ଦାବି କରିଛି।

## ବେଆଇନ ଶ୍ମଶାନ ଚୁଲା, ମହିଳା ସମିତି ଘର ନିର୍ମାଣ

**କୋଣାର୍କ,୧୭।୯(ଡି.ଏନ୍.ଏ)**

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତର ଏକ ଗୋଚର ଜମିରେ ଶ୍ମଶାନ ଚୁଲା ଓ ଗୋରୁ ପୋତା ହେଉଥିବା ଏକ ଜମିରେ ମହିଳା ସମିତି ଗୃହ ନିର୍ମାଣ ବେଆଇନ ଭାବେ ହେଉଥିବାର ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ବିରୋଧ କରିବା ସହ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟ ବନ୍ଦ ହେଉ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ଅନୁଯାୟୀ, ଏହି ପଞ୍ଚାୟତର ଗୋଚରଜମି ଖାତା ନଂ ୫୦୯ ପ୍ଲଟ ନଂ ୧୬୨ରେ ୧ ଏକର ୩୪ ଡିସିମିଲି ଜାଗାରେ ସରକାରୀ ଅନୁଦାନ ୨ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ୨ଟି ଶ୍ମଶାନ ଚୁଲା ନିର୍ମାଣ କରାଯାଇଛି। ଯେଉଁ ଜମି ୩ ଖଣ୍ଡି ମୌଜାର ଶହଶହ ଗୋରୁଙ୍କର ବର୍ଷାଦିନ ଚାରଣ ଭୂଇଁ। ଫଳରେ ଚଳିତବର୍ଷ ଏହି ସ୍ଥାନରେ ଗୋରୁ ଚରିବାକୁ ନ ପାଇ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ଓଶଳଙ୍ଗ ଗ୍ରାମର ସର୍ବସାଧାରଣରେ ମୃତ ଗୋରୁଙ୍କୁ ପୋତା ହେବା ପାଇଁ ଥିବା ଏକ ପଡ଼ିଆରେ ସରକାରୀ ଅନୁଦାନ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ମହିଳା ସମିତି ଘର ନିର୍ମାଣ ଚାଲିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିବା ସହ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଉକ୍ତ ୨ଟି ଜାଗା ଗୋରୁଙ୍କ ପାଇଁ ଥିବାବେଳେ ଏଠାରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେଣୁ ଏହି କାର୍ଯ୍ୟର ତଦନ୍ତ ଜିଲାପାଳ କରନ୍ତୁ ବୋଲି ସ୍ଥାନୀୟ ବିଚିତ୍ରାନନ୍ଦ ଦାଶ, ଲକ୍ଷ୍ମୀ ନାରାୟଣ ଯେନା, ମୀନା ସେଠୀ, ସାଧୁ କାଣ୍ଡୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ବାରିକ କୁହନ୍ତି, ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇଛି। ଖୁବଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଛନ୍ତି।


ମୃତ ଗୋରୁଙ୍କୁ ପୋତା ହେବା ପାଇଁ ଥିବା ପଡ଼ିଆରେ ବେଆଇନ ଭାବେ ମହିଳା ସମିତି ଗୃହ ନିର୍ମାଣ ଚାଲିଛି।

